# ଦ୍ୱିତୀୟ ଅଧ୍ୟାୟ

# ଲିଙ୍ଗ, ବଚନ ଓ ପୁରୁଷ

## ୨.୧ : ଲିଙ୍ଗ

ନିମ୍ନରେ ପ୍ରଥମ ଓ ଦ୍ୱିତୀୟ ଭାଗ କରି ପ୍ରତ୍ୟେକ ଭାଗରେ ପାଞ୍ଚଟି ଲେଖାଏଁ ବାକ୍ୟ ଦିଆଯାଇଛି । ବାକ୍ୟଗୁଡ଼ିକରେ କେତେକ ପଦ କଳା-ମୋଟା ଅକ୍ଷରରେ ଛପାଯାଇଛି । ସେହି କଳା ଅକ୍ଷରର ପଦଗୁଡ଼ିକୁ ଲକ୍ଷ୍ୟ କର ।

| ପ୍ରଥମ ଭାଗ | ଦ୍ୱିତୀୟ ଭାଗ |
|---|---|
| (କ) **ଗୋବିନ୍ଦ**ବାବୁଙ୍କ **ଭାଇ**ର ନାଁ **ମାଧବ** । | (କ) **ମାଳତୀ ଭଉଣୀ**ର ନାଁ **ମାନସୀ** । |
| (ଖ) **ବାପା ବୁଢ଼ା** ହେଲେବି ଲେଖିପାରୁଛନ୍ତି । | (ଖ) **ବୋଉ ବୁଢ଼ୀ** ହେଲେ ବି ପଢ଼ିପାରୁଛନ୍ତି । |
| (ଗ) **ଜଙ୍ଗଲ**ରେ **ବାଘ, ହରିଣ, ସିଂହ** ରହନ୍ତି । | (ଗ) **ବାଘୁଣୀ, ସିଂହୀ** ଓ **ହରିଣୀ** ବି ମଣିଷ ପରି **ଛୁଆଙ୍କୁ** ସ୍ନେହ କରନ୍ତି । |
| (ଘ) **ଜଳ** ହିଁ ପ୍ରାଣୀଙ୍କ ଜୀବନ । | (ଘ) **ସୁନା** ଓ **ରୁପା**ରେ ଅଳଙ୍କାର ଗଢ଼ାଯାଏ । |
| (ଙ) ଏ **ତୋଟା**ରେ **ପକ୍ଷୀ** ଗହଳ ଅଛି । | (ଙ) **ପିଲା**ମାନେ ପକ୍ଷୀକୁ ଆଦର କରନ୍ତି । |

**୨.୧.୧ :** ଏଠାରେ ଉଭୟ ଭାଗର ପ୍ରତ୍ୟେକ ବାକ୍ୟରେ କଳା ଅକ୍ଷରରେ ଲେଖାଥିବା ପଦଗୁଡ଼ିକ ଗୋଟିଏ ଗୋଟିଏ ବିଶେଷ୍ୟ ପଦ । ପ୍ରଥମ ଭାଗର '-ଖ-ଗ' ବାକ୍ୟରେ ଗୋବିନ୍ଦ, ଭାଇ, ମାଧବ, ବାପା, ବୁଢ଼ା, ବାଘ, ହରିଣ, ସିଂହ- ଗୋଟିଏ ଗୋଟିଏ ପ୍ରାଣୀବାଚକ ବିଶେଷ୍ୟ ପଦ । ଏ ବିଶେଷ୍ୟ ପଦଗୁଡ଼ିକୁ ପୁରୁଷବାଚକ ପଦରୂପେ ବ୍ୟବହାର କରାଯାଇଛି । ଦ୍ୱିତୀୟ ଭାଗର 'କ-ଖ-ଗ' ବାକ୍ୟରେ ଥିବା ମାଳତୀ, ଭଉଣୀ, ମାନସୀ, ବୋଉ, ବୁଢ଼ୀ, ବାଘୁଣୀ, ସିଂହୀ ଓ ହରିଣୀ- ଗୋଟିଏ ଗୋଟିଏ **ସ୍ତ୍ରୀବାଚକ** ପଦ । ଏବେ ଉଭୟ ଭାଗର କ-ଖ-ଗ ବାକ୍ୟରେ ବ୍ୟବହୃତ ହୋଇଥିବା ଏହିସବୁ ପଦଗୁଡ଼ିକୁ ନିମ୍ନପ୍ରକାରେ ବିଚାର କଲେ ଆମେ ଦେଖିବା ଯେ;

- ଗୋବିନ୍ଦ, ମାଧବ– ଦୁଇ ଜଣ ପୁରୁଷଙ୍କ ନାମ ।
- ମାଳତୀ, ମାନସୀ– ଦୁଇଜଣ ସ୍ତ୍ରୀ ଲୋକଙ୍କ ନାମ ।
- ବାପା, ଭାଇ– ପୁରୁଷସୂଚକ ଜାତିବାଚକ ବିଶେଷ୍ୟ ପଦ ।
- ବୋଉ, ଭଉଣୀ– ସ୍ତ୍ରୀସୂଚକ ଜାତିବାଚକ ବିଶେଷ୍ୟ ପଦ ।
- ବାଘ, ସିଂହ, ହରିଣ– ପୁରୁଷବାଚକ ପଦ ଏବଂ ଏମାନଙ୍କର ସ୍ତ୍ରୀବାଚକ ପଦ ହେଉଛି- ବାଘୁଣୀ, ସିଂହୀ, ହରିଣୀ ।
- ବାପା, ଭାଇ, ବୁଢ଼ା– ଏ ତିନୋଟି ପୁରୁଷବାଚକ ପଦର ସ୍ତ୍ରୀବାଚକ ରୂପ ବା ପଦ ହେଉଛି- ବୋଉ, ଭଉଣୀ ଓ ବୁଢ଼ୀ ।

ଏସବୁ ପଦଗୁଡ଼ିକ ପ୍ରାଣୀବାଚକ । ପ୍ରାକୃତିକ ଲିଙ୍ଗକୁ ଆଧାର କରି ଆମେ ପ୍ରାଣୀବାଚକ ଶବ୍ଦଗୁଡ଼ିକୁ ପୁରୁଷ ବାଚକ ଓ ନାରୀବାଚକ ପଦ ରୂପରେ ବାକ୍ୟରେ ବ୍ୟବହାର କରିଥାଉ । ଏଥିରୁ ଆମେ ଜାଣିଲେ ଯେ- ***ଯେଉଁ ପଦ ପୁରୁଷଙ୍କୁ ବୁଝାଏ ତାହା 'ପୁଂଲିଙ୍ଗ' ପଦ ଓ ଯେଉଁ ପଦ ସ୍ତ୍ରୀଙ୍କୁ ବୁଝାଏ ତାହା 'ସ୍ତ୍ରୀଲିଙ୍ଗ' ପଦ ।***

**୨.୧.୨ :** ଦ୍ୱିତୀୟ ଭାଗର 'ଖ' ବାକ୍ୟରେ ବ୍ୟବହୃତ ହୋଇଥିବା 'ଛୁଆ', 'ଙ' ବାକ୍ୟରେ ଥିବା 'ପିଲା' ଓ ପ୍ରଥମ ଭାଗର 'ଙ' ବାକ୍ୟରେ ଥିବା 'ପକ୍ଷୀ' ପଦ ତିନୋଟିକୁ ଏବେ ବିଚାର କରିବା । ଏଗୁଡ଼ିକ ପ୍ରାଣୀବାଚକ ପଦ । ମାତ୍ର ଏସବୁ ପଦ ନିର୍ଦ୍ଦିଷ୍ଟ ଭାବରେ ପୁରୁଷପ୍ରାଣୀ ବା ସ୍ତ୍ରୀପ୍ରାଣୀକୁ ନ ବୁଝାଇ ଉଭୟ ପ୍ରଜାତିକୁ ବୁଝାଉଛି । ମନୁଷ୍ୟ, ଲୋକ, ପଶୁ, ଯାତ୍ରୀ, କର୍ମୀ, ଶିଶୁ, ବିଦ୍ୟାର୍ଥୀ, କୁଆ, ସଭାପତି- ଏପରି ଆମେ ଅନେକ ପ୍ରାଣୀବାଚକ ପଦ ବ୍ୟବହାର କରିଥାଉ; ଯେଉଁଗୁଡ଼ିକ ଉଭୟ ପୁରୁଷ ଓ ନାରୀ ସୂଚକ ହୋଇଥାଏ । ଏଗୁଡ଼ିକୁ **'ଉଭୟ ଲିଙ୍ଗ'** ପଦ ଭାବରେ ଗ୍ରହଣ କରାଯାଇପାରେ । ଏପ୍ରକାର ପଦ ପୂର୍ବରୁ ମାଈ-ଅଣ୍ଡିରା, ପୁରୁଷ- ନାରୀ, ସ୍ତ୍ରୀ, ବାପା-ମାଆ ଆଦି ପଦ ଲଗାଇ ଆମେ ପୁଂଲିଙ୍ଗ ଓ ସ୍ତ୍ରୀ ଲିଙ୍ଗ ପଦରୂପେ ନିର୍ଦ୍ଦିଷ୍ଟ କରିଥାଉ । ଯଥା,

| ଉଭୟ ଲିଙ୍ଗ ପଦ | ପୁଂଲିଙ୍ଗରେ ପରିବର୍ତ୍ତନ | ସ୍ତ୍ରୀ ଲିଙ୍ଗରେ ପରିବର୍ତ୍ତନ |
|---|---|---|
| ଛୁଆ / ଫୁଲ | ଅଣ୍ଡିରା ଛୁଆ / ଅଣ୍ଡିରା ଫୁଲ | ମାଈ ଛୁଆ / ମାଈ ଫୁଲ |
| ଚଢ଼େଇ | ବାପ ଚଢ଼େଇ | ମା ଚଢ଼େଇ |
| ଯାତ୍ରୀ | ପୁରୁଷ ଯାତ୍ରୀ | ସ୍ତ୍ରୀ / ନାରୀ ଯାତ୍ରୀ |

କେତେକ କ୍ଷେତ୍ରରେ କେବଳ ନାରୀବାଚକ ବା ସ୍ତ୍ରୀବାଚକ ପଦ ଲଗାଇ ପଦକୁ ସ୍ତ୍ରୀଲିଙ୍ଗ ରୂପରେ ପରିବର୍ତ୍ତନ କରାଯାଇଥାଏ । ଯଥା :- କର୍ମୀ-ମହିଳାକର୍ମୀ / ଚେୟାରମାନ୍-ମହିଳା ଚେୟାରମାନ୍ / ଲୋକ-ସ୍ତ୍ରୀଲୋକ ।

**୨.୧.୩ :** ପୂର୍ବରୁ ପ୍ରଦତ୍ତ ପ୍ରଥମ ଭାଗର 'ଗ-ଘ' ବାକ୍ୟରେ ଥିବା ଜଙ୍ଗଲ, ଜଳ, ତୋଟା ଓ ଦ୍ୱିତୀୟ ଭାଗର 'ଘ' ବାକ୍ୟରେ ଥିବା ସୁନା, ରୁପା- ଏକଏକ ପଦାର୍ଥସୂଚକ ବା ଅପ୍ରାଣୀବାଚକ ପଦ । ସଂସ୍କୃତରେ ଏଗୁଡ଼ିକୁ 'କ୍ଳୀବଲିଙ୍ଗ' କୁହାଯାଏ । ଓଡ଼ିଆରେ ଘର, ବଗିଚା, କାଗଜ, ବହି, ଖଟ, ମଠ, ପାହାଡ- ଏପ୍ରକାର ଶବ୍ଦଗୁଡ଼ିକୁ **ଅପ୍ରାଣୀବାଚକ ପଦ** ଭାବରେ ବ୍ୟବହାର କରାଯାଇଥାଏ । ଏ ଧରଣର ପଦ କୌଣସି ପ୍ରାଣୀଙ୍କୁ ବୁଝାଉ ନଥିବାରୁ ଏବଂ ଏଗୁଡ଼ିକର ପ୍ରାକୃତିକ ଲିଙ୍ଗ ନଥିବାରୁ ଏପ୍ରକାର ପଦକୁ ସଂସ୍କୃତ ଭାଷା ଅନୁସାରେ 'କ୍ଳୀବଲିଙ୍ଗ' ପଦ ରୂପେ ପ୍ରତିପାଦନ କରାଯାଇଆସିଛି ।

ସଂସ୍କୃତରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଶବ୍ଦରୂପ ପରି କ୍ଳୀବଲିଙ୍ଗର ସ୍ୱତନ୍ତ୍ର ରୂପ ଓ ବ୍ୟବହାର ରହିଛି । କିନ୍ତୁ ଓଡ଼ିଆରେ ବସ୍ତୁବାଚକ ଶବ୍ଦର ଭିନ୍ନ ରୂପ ନାହିଁ । ଏ ଧରଣର ଶବ୍ଦ ପୁଂଲିଙ୍ଗ ପରି ବ୍ୟବହୃତ ହୋଇଥାଏ । ସୁତରାଂ ଓଡ଼ିଆରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ-ଏପରି ଦୁଇଟି ଲିଙ୍ଗରେ ବିଶେଷ୍ୟ ପଦଗୁଡ଼ିକ ବ୍ୟବହୃତ ହୁଏ ।

**୨.୧.୪ :** ଓଡ଼ିଆ ଭାଷାରେ ସଂସ୍କୃତାନୁସାରୀ କ୍ଳୀବଲିଙ୍ଗର ପଦଗୁଡ଼ିକ ପୁଂଲିଙ୍ଗ ଭଳି ମଧ୍ୟ ବ୍ୟବହୃତ ହୁଏ । ଯଥା- ପିଲାଟିକୁ ନିଅ-ବହିଟିକୁ ନିଅ / ପୁଅକୁ ଦେଲ-କଲମ ଦେଲ / ରୁକ୍ଷ ଲୋକ-ରୁକ୍ଷ ଚେହେରା । ଏଠାରେ ପିଲା, ପୁଅ, ଲୋକ-ପୁଂଲିଙ୍ଗବାଚକ । କଲମ, ବହି, ଚେହେରା-ଅପ୍ରାଣୀବାଚକ । ମାତ୍ର ଉଭୟ ପ୍ରକାର ପଦ ସମାନ ରୀତିରେ ବ୍ୟବହୃତ ହେଉଛି । ସୁତରାଂ ଓଡ଼ିଆ ଭାଷାରେ ବ୍ୟାବହାରିକ ବିଧାନ ଦିଗରୁ କ୍ଳୀବଲିଙ୍ଗ ନାହିଁ ।

**୨.୧.୫ :** ସଂସ୍କୃତ ଭାଷାର ଅନୁସରଣରେ ଓଡ଼ିଆ ଭାଷାରେ କେତେକ ଅପ୍ରାଣୀବାଚକ ଶବ୍ଦ କ୍ଷୁଦ୍ର, ନିବିଡ଼, ବଡ଼, ସାନ ଇତ୍ୟାଦି ଅର୍ଥରେ ସ୍ତ୍ରୀଲିଙ୍ଗ ପରି ବ୍ୟବହୃତ ହୁଏ । ଯଥା- ପୁସ୍ତିକା, ନାଟିକା, ବନାନୀ, ଅରଣ୍ୟାନୀ, ପଥୁରି ।

**୨.୧.୬ :** ଓଡ଼ିଆ ଭାଷାରେ ସଂସ୍କୃତ ଅନୁରୂପ କେତେକ ଶବ୍ଦ (ଅପ୍ରାଣୀ ବାଚକ) ସ୍ତ୍ରୀଲିଙ୍ଗ ରୂପେ ସ୍ୱାଭାବିକ ରୀତିରେ ବ୍ୟବହୃତ ହୁଏ । 'ସ୍ୱାଭାବିକ ସ୍ତ୍ରୀଲିଙ୍ଗ' ପଦର କେତୋଟି ଉଦାହରଣ– ଶୋଭା, ବନ୍ଦନା, କାମନା, ପ୍ରତିଭା, ରାତ୍ରି ।

## ୨.୧.୭ : ଲିଙ୍ଗ ପରିବର୍ତ୍ତନର ବିଧାନ :

ଲେଖିବା ଓ କହିବାର ସୁବିଧା ପାଇଁ ଆମେ ଓଡ଼ିଆ ଭାଷାଭାଷୀମାନେ ବେଳେବେଳେ ପୁଂଲିଙ୍ଗକୁ ପ୍ରୟୋଜନ ଅନୁସାରେ ସ୍ତ୍ରୀଲିଙ୍ଗ ରୂପରେ ପରିବର୍ତ୍ତନ କରି ବ୍ୟବହାର କରୁଥାଏ । ଏ କ୍ଷେତ୍ରରେ ଆମେ କେତେକ ନିର୍ଦ୍ଦିଷ୍ଟ ରୀତି ବା ନିୟମ ଅନୁସରଣ କରୁଥାଏ । ସେହିସବୁ ଲିଙ୍ଗ ପରିବର୍ତ୍ତନର କେତୋଟି ବିଧାନକୁ ଏଠାରେ ବିଚାର କରିବା ।

(କ) ପ୍ରାଣୀବାଚକ ପୁଂଲିଙ୍ଗ ପଦକୁ ସ୍ତ୍ରୀଲିଙ୍ଗ କରିବାବେଳେ ଆମେ କେତେକ ସ୍ୱତନ୍ତ୍ର ବିପରୀତ ଶବ୍ଦ ବ୍ୟବହାର କରିଥାଉ । ଯଥା- ବାପା-ବୋଉ,ମାଆ / ବର-କନ୍ୟା,ବଧୂ, / ପୁରୁଷ-ସ୍ତ୍ରୀ / ଭାଇ-ଭାଉଜ / ପୁଅ-ବୋହୂ, ଝିଅ / ନବାବ୍-ବେଗମ୍ / ରଜା-ରାଣୀ / ଅଜା-ଆଈ / ମାମୁ-ମାଇଁ ।

(ଖ) ବିଭିନ୍ନ ପ୍ରତ୍ୟୟକୁ ମୂଳ ପୁଂଲିଙ୍ଗ ଶବ୍ଦର ପରେ ଯୋଗ କରି ସ୍ତ୍ରୀଲିଙ୍ଗ ପଦ ତିଆରି କରାଯାଏ ଓ ବ୍ୟବହାର କରାଯାଏ । ଯଥା :-

୧ । 'ଆ' ପ୍ରତ୍ୟୟ ଯୋଗରେ : ଚପଳ-ଚପଳା / ସରଳ-ସରଳା / କୋକିଳ-କୋକିଳା / ଭଦ୍ର-ଭଦ୍ରା / ସଭ୍ୟ-ସଭ୍ୟା । ଏଠାରେ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦରେ 'ଆ' ପ୍ରତ୍ୟୟଟି ଆ-କାର (।) ରୂପେ ଯୋଗ ହୋଇଛି ।

୨ । ଅଅ-ଇଆ / ଅକ-ଇକା-ଭାବରେ ରୂପାନ୍ତରିତ ହୋଇ ସ୍ତ୍ରୀଲିଙ୍ଗ ପଦ ଗଠିତ ହୁଏ । ଯଥା- ପାଠକ-ପାଠିକା / ନାୟକ-ନାୟିକା / ଗାୟକ-ଗାୟିକା / ଚାଳକ-ଚାଳିକା । ଏଠାରେ ପୁଂଲିଙ୍ଗ ବାଚକ ଶବ୍ଦର ଶେଷରେ ଥିବା ଅଅ-ଅକ ଯଥାକ୍ରମେ 'ଇଆ-ଇକା'ରେ ପରିଣତ ହୋଇ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଗଠିତ ହୋଇଛି ।

୩ । 'ଈ' ପ୍ରତ୍ୟୟ ଯୋଗ ଦ୍ୱାରା :- ପୁଂଲିଙ୍ଗ ଶବ୍ଦର ଶେଷରେ 'ଈ' (ୀ- କାର) ଯୋଗ ହୋଇ ଓଡ଼ିଆ ଭାଷାରେ ସ୍ତ୍ରୀଲିଙ୍ଗ ଶବ୍ଦ ଗଠିତ ହୁଏ । ଯଥା- ଦେବ - ଦେବୀ / ସିଂହ-ସିଂହୀ / ତରୁଣ / ତରୁଣୀ / ସୁନ୍ଦର-ସୁନ୍ଦରୀ / ନଟ-ନଟୀ ।

୪ । 'ଆନୀ' ଓ ଆଣୀ ପ୍ରତ୍ୟୟ ଯୋଗରେ ପୁଂଲିଙ୍ଗ ଶବ୍ଦ ସ୍ତ୍ରୀଲିଙ୍ଗ ଶବ୍ଦରେ ବଦଳିଯାଇଥାଏ । ଯଥା– ଶିବ-ଶିବାନୀ / ଯବନ-ଯବନାନୀ (ଆନୀ) / ଇନ୍ଦ୍ର-ଇନ୍ଦ୍ରାଣୀ (ଆଣୀ) ।

୫ । 'ଣୀ' ଓ 'ଉଣୀ' ପ୍ରତ୍ୟୟ ଯୋଗେ ଓଡ଼ିଆରେ ପୁଂଲିଙ୍ଗ ଶବ୍ଦ ସ୍ତ୍ରୀଲିଙ୍ଗ ଶବ୍ଦ ହୋଇଥାଏ । ଯଥା– ପାଟରା-ପାଟରାଣୀ / କାଚରା-କାଚରାଣୀ (ଣୀ) / ବାଘ-ବାଘୁଣୀ / ଗଉଡ଼-ଗଉଡୁଣୀ (ଉଣୀ) ।

୬ । 'ଉଲି' ପ୍ରତ୍ୟୟ ଯୋଗରେ ପୁଂଲିଙ୍ଗ ସ୍ତ୍ରୀଲିଙ୍ଗରେ ରୂପାନ୍ତରିତ ହୋଇଥାଏ । ଯଥା :– ବେଙ୍ଗ-ବେଙ୍ଗୁଲି / ବଗ-ବଗୁଲି / ହଂସ-ହଂସୁଲି ।

୭ । କେତେକ ପୁଂଲିଙ୍ଗ ଶବ୍ଦ ଆମ ସାମାଜିକ ସଂପର୍କ ଓ ବିଚାର ଅନୁସାରେ ଭିନ୍ନଭିନ୍ନ ଅର୍ଥରେ ସ୍ତ୍ରୀଲିଙ୍ଗ ରୂପ ହୋଇଥାଏ । ଯଥା–

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ-୧ | ସ୍ତ୍ରୀଲିଙ୍ଗ-୨ |
|---|---|---|
| ଆଚାର୍ଯ୍ୟ | ଆଚାର୍ଯ୍ୟା (ଯିଏ ପାଠ ପଢ଼ାନ୍ତି) | ଆଚାର୍ଯ୍ୟାଣୀ (ଆଚାର୍ଯ୍ୟଙ୍କ ପତ୍ନୀ) |
| ଶୂଦ୍ର | ଶୂଦ୍ରା-ଶୂଦ୍ରାଣୀ (ଶୂଦ୍ରଜାତିର ନାରୀ) | ଶୂଦ୍ରୀ (ଶୂଦ୍ରର ପତ୍ନୀ) |
| କ୍ଷତ୍ରିୟ | କ୍ଷତ୍ରିୟା (କ୍ଷତ୍ରିୟଜାତିର ନାରୀ) | କ୍ଷତ୍ରିୟୀ / କ୍ଷତ୍ରିୟାଣୀ (କ୍ଷତ୍ରିୟର ପତ୍ନୀ) |
| ପୁଅ | ଝିଅ (ବିପରୀତ ଅର୍ଥରେ କନ୍ୟାସନ୍ତାନ) | ବୋହୂ (ପୁଅରପତ୍ନୀ) |
| ଭାଇ | ଭଉଣୀ (ବିପରୀତ ଅର୍ଥରେ ରକ୍ତସଂପର୍କ) | ଭାଉଜ (ଭାଇଙ୍କପତ୍ନୀ) |

୮ । କେତେକ ବୈଦେଶିକ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗ କରି ଆମେ ପୁଂଲିଙ୍ଗ ବାଚକ ଶବ୍ଦକୁ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦରେ ପରିଣତ କରିଥାଏ । ଯଥା- ମାଷ୍ଟର + ଆଣୀ = ମାଷ୍ଟରାଣୀ / ସାହେବ +ଆଣୀ = ସାହେବାଣୀ ।

**୨.୨ : ବଚନ :** ଏବେ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ । ସେସବୁରେ ଥିବା କଳା ଓ ମୋଟା ଅକ୍ଷରର ପଦଗୁଡ଼ିକର ବ୍ୟବହାରକୁ ଲକ୍ଷ୍ୟକର ।

(କ) **ପିଲାଟି** ଖେଳୁଛି । **ପିଲାମାନେ** ଖେଳୁଛନ୍ତି ।

(ଖ) ମୋତେ **ବହି ଖଣ୍ଡେ** ଦିଅ । ମୋତେ **ବହିଗୁଡ଼ିକ** ଦିଅ ।

(ଗ) ଖରାରେ **ନଈଟା** ଶୁଖିଗଲା । ଖରାରେ **ନଈଗୁଡ଼ାକ** ଶୁଖିଗଲାଣି ।

କ– ବାକ୍ୟରେ 'ପିଲାଟି' କହିଲେ ଜଣେ ପିଲାକୁ ନିର୍ଦ୍ଦେଶ କରୁଛି । 'ପିଲାମାନେ' ପଦଟି ଏକରୁ ଅଧିକ ପିଲାଙ୍କୁ ବୁଝାଉଛି ।

ଖ– ବାକ୍ୟରେ 'ବହି ଖଣ୍ଡେ' କହିଲେ ଗୋଟିଏ ବହିକୁ ସୂଚାଉଛି । 'ବହି' ସହିତ 'ଗୁଡ଼ିକ' ଯୋଗ ହେବାରୁ 'ବହିଗୁଡ଼ିକ' ପଦଟି ଏକରୁ ଅଧିକ ବହିକୁ ବୁଝାଉଛି ।

ଗ– ବାକ୍ୟରେ 'ନଈ-ଟା' କହିଲେ ଗୋଟିଏ ନଈକୁ ନିର୍ଦ୍ଦେଶ କରୁଛି । 'ନଈଗୁଡ଼ାକ' କହିଲେ ଏକରୁ ଅଧିକ ନଈକୁ ବୁଝାଉଛି ।

***ଯାହାଦ୍ୱାରା ପ୍ରାଣୀବାଚକ ଅଥବା ଅପ୍ରାଣୀବାଚକ ସଂଖ୍ୟା (ଏକ ବା ତହିଁରୁ ଅଧିକ) ଗଣନା କରି ଜଣାପଡ଼େ ତାହାକୁ 'ବଚନ' କୁହାଯାଏ ।***

ସଂସ୍କୃତ ଭାଷାରେ ଏକବଚନ, ଦ୍ୱିବଚନ ଓ ବହୁବଚନ ବ୍ୟବହାର କରାଯାଏ । ମାତ୍ର ଓଡ଼ିଆରେ ଦୁଇଟି ବଚନ ବ୍ୟବହାର କରାଯାଏ । ଏକ ଓ ଏକରୁ ଅଧିକ- ଏପରି ଅର୍ଥରେ ଓଡ଼ିଆରେ ଦୁଇଟି ବଚନର ପ୍ରୟୋଗ କରାଯାଏ । ଯଥା- **ଏକବଚନ** ଓ **ବହୁବଚନ** ।

**୨.୨.୧ : ଏକବଚନ :**

ଯେଉଁ ପଦରୁ ବସ୍ତୁର ବା ପ୍ରାଣୀର ସଂଖ୍ୟା ଏକ ବା ଗୋଟିଏ ବୋଲି ଜଣାଯାଏ; ତାହା **'ଏକବଚନ'** ପଦ । ଯଥା– **କୁକୁର** ଭୁକୁଛି / **କାଉ** ରାବୁଛି / **ଘରଟେ** ତୋଳିଲା / **ମୁଁ** ଯିବି / **ଛାତ୍ରଟି** ଲେଖୁଛି ।

ଏଠାରେ ରେଖାଙ୍କିତ ପଦଗୁଡ଼ିକ ଏକ ସଂଖ୍ୟାକୁ ବା ଗୋଟିକୁ ବୁଝାଉଛି । ତେଣୁ ଏଗୁଡ଼ିକ ଏକବଚନ ପଦର ନମୁନା ।

**୨.୨.୨ :** ସାଧାରଣତଃ ଏକ ବଚନରେ ଶବ୍ଦରେ କିଛି ଯୋଗ ହୁଏ ନାହିଁ । ଯଥା- **ଘର** ଭାଙ୍ଗିଗଲା / **ଗଛ** ଲାଗିଲା / **ପିଲା** ପଢୁଛି / **ଝିଅ** ହସିଲାଣି । ମାତ୍ର ଓଡ଼ିଆରେ କେତେକ ସ୍ଥଳରେ ଏକବଚନରେ ଏ, ଟା, ଟି, ଟିଏ, ଗୋଟିଏ, ଗୋଟାଏ, ଗୋଟେ, ଖଣ୍ଡିକ, ଖଣ୍ଡିଏ, ଖଣ୍ଡେ, ଓ ଗୋଟାକ ଇତ୍ୟାଦି ସୂଚକ ବା ଚିହ୍ନ ଭାବରେ ଲାଗିଥାଏ । ଏହି ସୂଚକଗୁଡ଼ିକ ମଧ୍ୟରୁ କେତେକ ପଦର ପୂର୍ବରୁ ଓ କେତେକ ପଦର ପରେ ଲାଗିଥାଏ । ପଦର ପୂର୍ବରୁ ଲାଗିଥିବା ଏକବଚନର ସୂଚକଗୁଡ଼ିକୁ **'ଅଭିଯୋଜକ'** ଚିହ୍ନ କୁହାଯାଏ । ପଦର ପରେ ଲାଗିଥିବା ବଚନ ଚିହ୍ନକୁ **'ସଂଯୋଜକ'** ଚିହ୍ନ କୁହାଯାଏ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ଓ କଳାଅକ୍ଷରର ବଚନ ଚିହ୍ନଗୁଡ଼ିକୁ ଲକ୍ଷ୍ୟକର ।

(କ) **ଗାଈ** ଚରୁଛି । **ସେ** ଖାଇଲା । **ହଂସ** ପହଁରୁଛି ।

(ଖ) ପିଲା**ଟି** ନାଚୁଛି । ଲୋକ**ଟିଏ** ଆସୁଛି । ଘର**ଟେ** କଲି । ଗାଡ଼ି**ଟା** ବିକିଦେଲା । ଲୁଗାଖଣ୍ଡେ କିଣ ।

(ଗ) **ଖଣ୍ଡିଏ** ବହି କିଣିଲି । **ଗୋଟିଏ** ଜିନିଷ ମାଗିବି । **ଗୋଟେ** କଥା କର । ମାତ୍ର **ଗୋଟାଏ** ପିଜୁଳି ଖାଇଲା ।

କ– ଭାଗରେ ତିନୋଟି ବାକ୍ୟ ରହିଛି । ତିନୋଟିଯାକ ବାକ୍ୟରେ ଗାଈ, ସେ, ହଂସ ପଦ କର୍ତ୍ତା ରୂପରେ ବ୍ୟବହୃତ ହୋଇଛି । ମାତ୍ର ଏଠି ଗାଈ କହିଲେ ଗୋଟିଏ ଗାଈ, 'ସେ' କହିଲେ କେବଳ ଜଣେ ବ୍ୟକ୍ତି ଓ ହଂସ କହିଲେ ଗୋଟିଏ ହଂସକୁ ବୁଝାଉଛି । ତେଣୁ ଏସବୁ ପଦରେ କିଛି ସଂଯୋଜକ ବା ଅଭିଯୋଜକ ପୂର୍ବରୁ ବା ପରେ ଲାଗି ନଥିଲେ ବି ଏଗୁଡ଼ିକ ଏକବଚନରେ ବ୍ୟବହୃତ ହୋଇଥିବାର ସ୍ପଷ୍ଟ ଜଣାପଡୁଛି ।

ଖ– ଭାଗରେ ପାଞ୍ଚଗୋଟି ବାକ୍ୟ ରହିଛି । ପିଲା, ଲୋକ, ଘର, ଗାଡ଼ି, ଲୁଗା,- ଏପରି ପାଞ୍ଚଟି ପଦ କର୍ତ୍ତା ରୂପରେ ବ୍ୟବହୃତ ହୋଇଛି । ଏସବୁ ପଦର ପରେ ଯଥାକ୍ରମେ ଟି (ପିଲା-ଟି), ଟିଏ (ଲୋକ-ଟିଏ), ଟେ (ଘର-ଟେ), ଟା (ଗାଡ଼ି-ଟା), ଖଣ୍ଡେ (ଲୁଗା-ଖଣ୍ଡେ) ଇତ୍ୟାଦି ବଚନସୂଚକ ଚିହ୍ନ / ପଦ ଯୋଗ ହୋଇଛି । ଏଗୁଡ଼ିକ 'ସଂଯୋଜକ' ଚିହ୍ନ ଭାବରେ ପଦର ପରେ ଲାଗିଛି ଏବଂ ପ୍ରତ୍ୟେକ (ବିଶେଷ୍ୟ) ପଦକୁ ସଂଖ୍ୟା ଦିଗରୁ ଏକ ବା ଗୋଟିଏ ବୋଲି ସୂଚେଇ ଦେଉଛି । ଅର୍ଥାତ- ପିଲାଟି କହିଲେ- ଜଣେ ପିଲା, ଲୋକଟିଏ କହିଲେ- ଜଣେ ଲୋକ ବୋଲି ବୁଝାପଡୁଛି ।

ଗ– ଭାଗରେ ତିନୋଟି ବାକ୍ୟ ରହିଛି । ପ୍ରତ୍ୟେକ ବାକ୍ୟର କର୍ତ୍ତାପଦ ଏକବଚନରେ ବ୍ୟବହୃତ ହୋଇଛି । ବହି, ଜିନିଷ, କଥା- ଇତ୍ୟାଦି ବିଶେଷ୍ୟ ପଦ ପୂର୍ବରୁ **'ଅଭିଯୋଜକ'** ଭାବରେ ଏକସଂଖ୍ୟାର ଅର୍ଥ ବୁଝାଇବା ପାଇଁ ଯଥାକ୍ରମେ ଖଣ୍ଡିଏ, ଗୋଟିଏ, ଗୋଟେ ଲାଗିଛି । ଖଣ୍ଡିଏ ବହି କହିଲେ- ବହିର ସଂଖ୍ୟା ଏକ, ଗୋଟିଏ ଜିନିଷ କହିଲେ ଜିନିଷର ସଂଖ୍ୟା ଏକ- ଏପରି ବୁଝାଯାଉଛି ।

### ୨.୨.୩ : ବହୁବଚନ

ଓଡ଼ିଆ ଭାଷାରେ ଆମେ ବ୍ୟବହାର କରୁଥିବା ବହୁବଚନମୂଳକ ସୂଚକଗୁଡ଼ିକ ହେଉଛି- ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ, ଗୁଡ଼ିଏ, ଗୁଡ଼ାଏ, ସମୂହ, ସବୁ, ଶ୍ରେଣୀ, ବର୍ଗ, ଗଣ, ଦଳ, ପଲ, ମାଳା, ରାଜି, ବୃନ୍ଦ ଓ ରାଶି ଇତ୍ୟାଦି । ଉଦାହରଣଗୁଡ଼ିକୁ ଲକ୍ଷ୍ୟକର :

(କ) **ଲୋକେ** ଠିକ୍ ନେତା ବାଛିବେ । (ଖ) ପିଲା**ମାନେ** ଖେଳିବାକୁ ଗଲେ ।

(ଗ) ଗଛ**ଗୁଡ଼ିକ** ଲଗାଗଲା ।

ଏଠାରେ ଲୋକେ, ପିଲା, ଗଛ, ଗୋଟିଏ ଗୋଟିଏ ଏକବଚନ ମୂଳକ (ବିଶେଷ୍ୟ) ପଦ । ଏସବୁ ପଦରେ ଏ, ମାନେ, ଗୁଡ଼ିକ ଇତ୍ୟାଦି (ପ୍ରତ୍ୟୟ) ଯୋଗ ହୋଇଛି । (ଯଥା- ଲୋକ + ଏ = ଲୋକେ / ପିଲା + ମାନେ = ପିଲାମାନେ / ଗଛ + ଗୁଡ଼ିକ = ଗଛଗୁଡ଼ିକ । ଏଠାରେ ଏସବୁ ପଦର ବହୁବଚନ ରୂପ ହୋଇଛି ।

**୨.୨.୪ :** ସାଧାରଣତଃ ଆମେ ନିମ୍ନଲିଖିତ ରୀତିରେ ଏପ୍ରକାରର ବହୁବଚନମୂଳକ ପଦ ଗଠନ କରିଥାଉ ।

| **ଏକବଚନମୂଳକ ପଦ** | **ସଂଯୋଜକ/ସୂଚକପଦ** | **ବହୁବଚନମୂଳକ ପଦ** |
|---|---|---|
| ପିଲା | ଏ | ପିଲାଏ / ପିଲେ |
| ତୁମ୍ଭେ | ମାନେ | ତୁମ୍ଭେମାନେ |
| ପତ୍ର | ଗୁଡ଼ିକ / ଗୁଡ଼ାଏ | ପତ୍ରଗୁଡ଼ିକ / ପତ୍ରଗୁଡ଼ାଏ |
| ଛାତ୍ରୀ | ଗଣ | ଛାତ୍ରୀଗଣ |
| ଗୁରୁ | କୁଳ | ଗୁରୁକୁଳ |
| ମେଣ୍ଢା | ପଲ / ଦଳ | ମେଣ୍ଢାପଲ / ମେଣ୍ଢାଦଳ |
| ହଂସ | ପଙ୍‌କ୍ତି | ହଂସ ପଙ୍‌କ୍ତି |

**୨.୨.୫ :** ବହୁ, ବହୁତ, ଅନେକ, ସବୁ, କେତେକ, ଅଧିକାଂଶ, ଅଗଣିତ, ଗୁଡ଼ାଏ, ଗୁଡ଼ିଏ, କିଛି- ଇତ୍ୟାଦି ସୂଚକ ପଦ ଯୋଗେ ଏକବଚନମୂଳକ (ବିଶେଷ୍ୟ) ପଦକୁ ବହୁବଚନରେ ପରିଣତ କରାଯାଇପାରେ । ବିଶେଷ୍ୟପଦ ପୂର୍ବରୁ ଏସବୁକୁ ଅଭିଯୋଜକ ବା ପୂର୍ବସୂଚକ ପଦ ଭାବରେ ଲଗା ଯାଇଥାଏ । ଯଥା–

| **ଅଭିଯୋଜକ/ପୂର୍ବ ସୂଚକପଦ** | **ଏକବଚନ** | **ବହୁବଚନମୂଳକ ରୂପ** |
|---|---|---|
| ଅନେକ | ଝିଅ | ଅନେକ ଝିଅ |
| କେତେକ | ଲୋକ | କେତେକ ଲୋକ |
| ସବୁ | ରାଜ୍ୟ | ସବୁ ରାଜ୍ୟ |
| ବହୁ | ଭାବ | ବହୁ ଭାବ |

**୨.୨.୬ :** କେତେକ ସ୍ଥଳରେ ଦୁଇ, ତିନି, ପାଞ୍ଚ, ସାତ, ନବ, ଦଶ, ତେର, ପଚିଶି, ପଚାଶ, ଶହଶହ, ହଜାରହଜାର ଆଦି ସଂଖ୍ୟା ବାଚକ ଶବ୍ଦ ବହୁତ୍ୱବୋଧକ ସୂଚକ ପଦ ଭାବରେ ଏକବଚନ ବିଶେଷ୍ୟପଦ ପୂର୍ବରୁ ଯୋଗ ହୋଇ ସେହି ପଦକୁ ବହୁବଚନରେ ପରିଣତ କରିଥାଏ । ଯଥା– ଦୁଇ ପୁରୁଷ, ତିନି ମୁଣ୍ଡ, ପାଞ୍ଚ ଇନ୍ଦ୍ରିୟ, ଶହଶହ ବର୍ଷ ।

**୨.୨.୭ :** ଅନେକ ସ୍ଥଳରେ ଆମେ ଏକବଚନମୂଳକ ଶବ୍ଦକୁ ଲଗାତର ଦୋହରାଇ ବା ଦ୍ୱିତ୍ୱ କରି ବ୍ୟବହାର କରିଥାଉ । ଏହାଦ୍ୱାରା ଏକବଚନମୂଳକ ପଦଟି ବହୁବଚନ ପଦରେ ପରିଣତ ହୋଇଥାଏ ଓ ବହୁବଚନର ଅର୍ଥ ପ୍ରକାଶ କରେ । ଉଦାହରଣ :–

(କ) **ଦେଶଦେଶ** ଭିତରେ ସାଂସ୍କୃତିକ ସମ୍ବନ୍ଧ ବଢୁଛି । / (ଖ) **ଘରଘର** ବୁଲି ଗୌତମୀ ସୋରିଷ ମୁଠାଏ ବି ପାଇଲେ ନାହିଁ । / (ଗ) **ଛାତ୍ରଛାତ୍ର**ଙ୍କ ଭିତରେ ତର୍କ ପ୍ରତିଯୋଗିତା ହେଲା ।

ଏଠାରେ ଦେଶଦେଶ, ଘରଘର, ଛାତ୍ରଛାତ୍ର ଶବ୍ଦଗୁଡ଼ିକ ଦ୍ୱିତ୍ୱ ରୂପରେ ବ୍ୟବହୃତ ହୋଇଛି । 'ଦେଶଦେଶ' କହିଲେ– ଦେଶଗୁଡ଼ିକ ବା ଦେଶମାନ, 'ଘରଘର' କହିଲେ ପ୍ରତ୍ୟେକଘର ବା ଅନେକଘର, 'ଛାତ୍ରଛାତ୍ର'ଙ୍କ କହିଲେ ଛାତ୍ରମାନଙ୍କ ଅର୍ଥ ପ୍ରକାଶ ପାଉଛି । ଅର୍ଥାତ୍ ଉପରଲିଖିତ ରେଖାଙ୍କିତ କଳାଅକ୍ଷରର ପଦଗୁଡ଼ିକ ଏକବଚନର ଦ୍ୱିତ୍ୱ ହେତୁ ବହୁତ୍ୱବୋଧକ ହୋଇ ବହୁବଚନ ରୂପରେ ବ୍ୟବହୃତ ହୋଇଛି ।

**୨.୨.୮ :**

| ଏକବଚନ ରୂପ | ବହୁବଚନ ରୂପ |
|---|---|
| ମୁଁ | ଆମେ, ଆମେମାନେ, ଆମ୍ଭେମାନେ |
| ତୁ, ତୁମେ,ତୁମ୍ଭେ,ଆପଣ | ତୁମେମାନେ, ତୁମ୍ଭେମାନେ, ତୁମ୍ଭେସବୁ, ଆପଣମାନେ |
| ସେ,ତାହା, ସିଏ | ସେମାନେ, ସେଗୁଡ଼ିକ, ସେହିଗୁଡ଼ିକ, ସେସବୁ, ସେହିମାନେ, ତାହାସବୁ |
| ଯାହା, ଯିଏ,ଏ,ଏହା,କେ | ଯେଉଁଗୁଡ଼ିକ, ଯେସବୁ, ଯେଉଁମାନେ,ଏଗୁଡ଼ିକ, ଏସବୁ, ଏମାନେ, କେଉଁମାନେ, ଏହିସବୁ, ଯାହାଯାହା । |

**୨.୨.୯ :** ଓଡ଼ିଆ ଭାଷାରେ କେତେକ କ୍ଷେତ୍ରରେ କ୍ରିୟା ଅନୁସାରେ ବାକ୍ୟରେ ବହୁବଚନ ଅର୍ଥ ଓ ରୂପ ବୁଝାପଡ଼େ । ଯଥା– **ଲୋକ** ଆସିଯିବେ । **ପିଲା** ପରୀକ୍ଷା ଦେଲେ । **ଚଢ଼େଇ** ଉଡ଼ିଗଲେ । **ଗାଈ** ଚରୁଛନ୍ତି ।

ଏସବୁ ବାକ୍ୟରେ ରେଖାଙ୍କିତ କଳାଅକ୍ଷରର ପଦଗୁଡ଼ିକ (ଲୋକ,ପିଲା,ଚଢ଼େଇ,ଗାଈ) ଗୋଟିଏ ଗୋଟିଏ ଏକବଚନ ମୂଳକ ବିଶେଷ୍ୟ ପଦ । ମାତ୍ର ଆସିଯିବେ, ଦେଲେ, ଉଡ଼ିଗଲେ, ଚରୁଛନ୍ତି ଇତ୍ୟାଦି କ୍ରିୟାପଦ– ବହୁବଚନ ମୂଳକ ହୋଇଥିବାରୁ କର୍ତ୍ତାବାଚକ ବିଶେଷ୍ୟ ପଦଗୁଡ଼ିକ ବହୁବଚନ ଅର୍ଥରେ ବ୍ୟବହୃତ ହୋଇଛନ୍ତି ।

**୨.୨.୧୦ :** ଚିରନ୍ତନ ସତ୍ୟ ବା ନିତ୍ୟକାଳୀନ ବାସ୍ତବତାକୁ ବୁଝାଇଲେ ଏକବଚନମୂଳକ ଜାତିବାଚକ ପଦ ବହୁବଚନ ଅର୍ଥବୋଧକ ହୋଇଥାଏ । ଯଥା– **ଶିଶୁ** ନିଷ୍ପାପ / **ପିଲା** ଠାକୁର / **ମଣିଷ** ସ୍ନେହଶୀଳ । ଏଠାରେ ଶିଶୁ, ପିଲା, ମଣିଷ– ନିର୍ଦ୍ଦିଷ୍ଟ ଭାବେ ଗୋଟିଏକୁ ନବୁଝାଇ ସମସ୍ତଙ୍କୁ ବୁଝାଉଛି ଓ ବହୁବଚନମୂଳକ ହୋଇଛି ।

**୨.୨.୧୧ :** ଗଣାଯାଇପାରୁ ନଥିବା ବସ୍ତୁର ପରିମାଣକୁ ବୁଝାଉଥିଲେ ଓଡ଼ିଆରେ ସେହି ଅଗଣନୀୟ ପଦର ବହୁବଚନ ହୋଇପାରେ ନାହିଁ । ଏ ଦିଗରୁ ପାଣି, ବାଲି, ସୁନା, ପଥର ଇତ୍ୟାଦି କ୍ଷେତ୍ରରେ ସଂଖ୍ୟାବାଚକ ସୂଚକ ପଦ ଏହାର ପରେ ବା ପୂର୍ବରୁ ଯୋଗକରି ବହୁବଚନ ଅର୍ଥ ପ୍ରକାଶ କରାଯାଇପାରେ । ଯଥା– ପାଞ୍ଚଖଣ୍ଡ ପଥର / ଦୁଇ ମାଠିଆ ପାଣି / ତିନି ତୁଳା ସୁନା / ଦଶ ବସ୍ତା ବାଲି ।

**୨.୨.୧୨ :** ବଚନ ସଂପର୍କରେ କେତୋଟି ଜାଣିବା କଥା ।

(କ) ପ୍ରାଣୀବାଚକ ପଦ ପରେ ଟି, ଟା, ଟିଏ, ମାନେ ଇତ୍ୟାଦି ବଚନସୂଚକ ଗୁଡ଼ିକ ଲାଗିଥାଏ । ଯଥା– ପିଲାଟା / ପିଲାଟି / ଗଛଟାଏ / ଲୋକମାନେ / ସେମାନେ / ତୁମେମାନେ ।

(ଖ) ଅପ୍ରାଣୀବାଚକ ପଦ ପରେ ବଚନ ସୂଚକ ବା ସଂଯୋଜକ ପଦ ଭାବରେ ଗୁଡ଼ାକ, ଗୁଡ଼ିଏ, ଗୁଡ଼ିକ, ଗୁଡ଼େ, ଟେ, ଟାଏ, ଟି ଯୋଗ ହୋଇଥାଏ । ଯଥା– ବହିଗୁଡ଼ିକ, ପଥରଟାଏ ।

(ଗ) ଅନାଦର ଅର୍ଥରେ ପ୍ରାଣୀବାଚକ ଶବ୍ଦରେ ଗୁଡ଼ାକ, ଗୁଡ଼ିକ, ଗୁଡ଼େ ଆଦି ବଚନ ପ୍ରତ୍ୟୟଯୋଗ ହୋଇପାରେ । ଯଥା– ପିଲାଗୁଡ଼େ / ଲୋକଗୁଡ଼ାକ / ଛେଳିଗୁଡ଼ିକ ।

(ଘ) ସେହିପରି ସମ୍ମାନ, ଆଦର ଓ ଗୁରୁତ୍ୱ ପ୍ରତିପାଦନ ଅର୍ଥରେ ଅପ୍ରାଣୀବାଚକ ପଦ ପରେ ପ୍ରାଣୀ ବାଚକ ବଚନସୂଚକ 'ମାନେ, ମାନ, ଟି' ଇତ୍ୟାଦି ଲାଗିପାରେ । ଯଥା– ନଈ**ମାନେ** ମାତୃବତ୍ / ପାହାଡଟି ସୁନ୍ଦର / ପଥର**ମାନ** ସାକ୍ଷାତ୍ ଠାକୁର / ବାଲିଗରଡ଼ା**ମାନେ** ଶାଳଗ୍ରାମ ହୋଇଗଲେ ।

(ଙ) ବହୁବଚନର ଅଥବା ଏକବଚନର ସୂଚକଗୁଡ଼ିକୁ ଆମେ ଏକ ସମୟରେ ପଦର ପୂର୍ବରୁ ଏବଂ ପରେ ଉଭୟ ସ୍ଥାନରେ ଲଗାଇ ପାରିବା ନାହିଁ । ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର :

| ଶୁଦ୍ଧ | ଅଶୁଦ୍ଧ |
|---|---|
| ଅନେକଲୋକ, ଲୋକମାନେ | ଅନେକ ଲୋକମାନେ |
| ସବୁପିଲା, ପିଲାସବୁ | ସବୁ ପିଲାମାନେ |
| ପ୍ରତ୍ୟେକ ଛାତ୍ରୀ | ପ୍ରତ୍ୟେକ ଛାତ୍ରୀସବୁ |

**୨.୩ : ପୁରୁଷ :**

ବ୍ୟକ୍ତିବିଶେଷଙ୍କ ପାଇଁ ବିକଳ୍ପ ପଦ ଭାବରେ ମୁଁ, ଆମେ, ଆମ୍ଭେ, ତୁ, ତୁମେ, ତୁମେମାନେ, ସେ, ସେମାନେ, ଆପଣ, ଆପଣମାନେ ପ୍ରଭୃତି ବ୍ୟବହୃତ ହୋଇଥାଏ । ଏଗୁଡ଼ିକୁ ବ୍ୟକ୍ତିବାଚକ (ସର୍ବନାମ) ପଦ କୁହାଯାଏ ।

ବ୍ୟକ୍ତିବାଚକ ପଦଗୁଡ଼ିକୁ ବକ୍ତା, ଶ୍ରୋତା ଓ ବିଷୟ ଉଦ୍ଦେଶ୍ୟ ଦିଗରୁ ତିନୋଟି 'ପୁରୁଷ'ରେ ବିଭକ୍ତ କରାଯାଏ । ଯଥା– **ପ୍ରଥମପୁରୁଷ, ଦ୍ୱିତୀୟପୁରୁଷ** ଓ **ତୃତୀୟ ପୁରୁଷ** । ପ୍ରତ୍ୟେକ ପୁରୁଷର ଏକବଚନ ଓ ବହୁବଚନ ରୂପ ରହିଛି ।

### ୨.୩.୧ : ପ୍ରଥମ ପୁରୁଷ :

ଯିଏ କହେ ବା ଯିଏ ନିଜେ ବକ୍ତା- ସିଏ ହେଉଛି **'ପ୍ରଥମ ପୁରୁଷ'** । ବକ୍ତା ନିଜ ପାଇଁ 'ମୁଁ' ବ୍ୟବହାର କରେ । ଯଥା– **ମୁଁ** ଖାଇବି / **ମୁଁ** ଖାଇଲି । ବକ୍ତା ଓ ବକ୍ତାଙ୍କ ସହିତ ସମ୍ବନ୍ଧ ଥିବା ଅନ୍ୟମାନଙ୍କ ପାଇଁ ଓଡ଼ିଆ ଭାଷାରେ ଆମେ, ଆମ୍ଭେ, ଆମ୍ଭେମାନେ, ଆମେମାନେ ବ୍ୟବହୃତ ହୁଏ । ଯଥା– **ଆମ୍ଭେ** ଖାଇବା / **ଆମ୍ଭେମାନେ** ଖାଇବୁ । ପ୍ରଥମ ପୁରୁଷରେ ବ୍ୟବହୃତ ଶବ୍ଦଗୁଡ଼ିକର ରୂପ ଆମ ଭାଷାରେ ଏହିପରି–

| ଏକବଚନ | ବହୁବଚନ | ବାକ୍ୟରେ ବ୍ୟବହାର |
|---|---|---|
| ମୁଁ | ଆମ୍ଭେ, ଆମ୍ଭେମାନେ, ଆମେମାନେ | ମୁଁ ଯାଏ । ଆମ୍ଭେ ଯାଉ । ଆମ୍ଭେମାନେ ଯାଉ । |

### ୨.୩.୨ : ଦ୍ୱିତୀୟ ପୁରୁଷ :

ବକ୍ତାର କଥାକୁ ଯେ ଶୁଣେ ବା ଯେଉଁ ଶ୍ରୋତା ଉଦ୍ଦେଶ୍ୟରେ କୁହାଯାଏ- ତାହା ଦ୍ୱିତୀୟ ପୁରୁଷ ।

ଦ୍ୱିତୀୟ ପୁରୁଷ ଏକବଚନରେ ତୁ, ତୁମେ, ଆପଣ ବ୍ୟବହୃତ ହୁଏ । ସାଧାରଣ ଅର୍ଥରେ, ତୁଚ୍ଛ ଅର୍ଥରେ, ଅବଜ୍ଞା ଓ ଅନାଦର ଅର୍ଥରେ, ଅତି ଆପଣାର ଓ ସମସ୍ତରର ତଥା କନିଷ୍ଠ ସ୍ତରର ବ୍ୟକ୍ତି ପାଇଁ 'ତୁ' ବ୍ୟବହୃତ ହୁଏ । ସମ୍ମାନ ଓ ସମସ୍ତରୀୟ ଅର୍ଥରେ 'ତୁମେ' ଓ ମାନ୍ୟାର୍ଥରେ 'ଆପଣ' ବ୍ୟବହୃତହୁଏ । ଦ୍ୱିତୀୟ ପୁରୁଷ ବହୁବଚନ ପାଇଁ ଆପଣମାନେ, ତୁମେମାନେ ଓ ତୁମ୍ଭେସବୁ ବ୍ୟବହୃତ ହୁଏ । ଉଦାହରଣ ଗୁଡ଼ିକୁ ଲକ୍ଷ୍ୟକର -

ତୁ ପଢ଼ିବୁ / ତୁମେ ପଢ଼ିବ / ଆପଣ ପଢ଼ିବେ / ତୁମେମାନେ ପଢ଼ିବ / ଆପଣମାନେ ପଢ଼ିବା ହେବେ ।

### ୨.୩.୩ : ତୃତୀୟ ପୁରୁଷ :

ବକ୍ତା ଓ ଶ୍ରୋତା ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କୁ ତୃତୀୟ ପୁରୁଷ ଭାବରେ ବିବେଚନା କରାଯାଏ ।

ଯାହା ବିଷୟରେ ବା ଯେଉଁମାନଙ୍କ ସଂପର୍କରେ କିଛି କୁହାଯାଏ ବା ବର୍ଣ୍ଣନା କରାଯାଏ ସେହି ବ୍ୟକ୍ତି ବା ବ୍ୟକ୍ତିମାନେ 'ତୃତୀୟ ପୁରୁଷ' । ଯାହା ବିଷୟରେ କୁହାଯାଏ ସେହି ବ୍ୟକ୍ତି ଆଦରର ହୋଇଥିଲେ ତା' ପାଇଁ **'ସେ'** ବ୍ୟବହୃତ ହୁଏ । ଯଥା- **ସେ** ଯିବ । ଯଦି ବ୍ୟକ୍ତି ଜଣଙ୍କ ସମ୍ମାନଯୋଗ୍ୟ ହୋଇଥା'ନ୍ତି ତେବେ ସେ ଯିବେ / ସେ ଖାଇବେ ପ୍ରଭୃତି ବ୍ୟବହୃତ ହୁଏ। ତୃତୀୟ ପୁରୁଷର ବହୁବଚନ ରୂପ ହେଉଛି **'ସେମାନେ'** । **ସେମାନେ** ଯିବେ / ସେମାନେ ଖାଇବେ ।

ଏତଦ୍ ବ୍ୟତୀତ ଯେ, ଯିଏ, କେ, କିଏ, କେଉଁମାନେ, ଯେଉଁମାନେ, ଯାହାଙ୍କର, ଏବଂ ଅନ୍ୟାନ୍ୟ ସମସ୍ତ ନାମବାଚକ ଓ ବ୍ୟକ୍ତିବାଚକ ପଦ ତୃତୀୟ ପୁରୁଷ ଭାବରେ ବିବେଚିତ ହୁଏ । ଯଥା- ବାଳକ, ଛାତ୍ର, ରାମ, ଗଙ୍ଗା, ହିମାଳୟ, ଲତା, ଜଗନ୍ନାଥ, ଦ୍ୱାରିକା- ଇତ୍ୟାଦି ନାମବାଚକ (ବିଶେଷ୍ୟ) ପଦଗୁଡ଼ିକ ମଧ୍ୟ ତୃତୀୟ ପୁରୁଷ ଅଟନ୍ତି ।